# NATIONAL NEWS BULLETIN (ODIA)

**27 July - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଗଠନ ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ହେଉଛି ନୀତି ଆୟୋଗ ବୈଠକ ।

- ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ ଅବଦୁଲ କଲାମଙ୍କୁ ଆଜି ନବମ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଉଛି କୃତଜ୍ଞ ରାଷ୍ଟ୍ର ।
- ପ୍ୟାରିସ୍ ଅଲମ୍ପିକ୍ସ ୨୦୨୪ ଆରମ୍ଭ

\- ଭାରତୀୟ କ୍ରୀଡ଼ାବିତ୍‌ଙ୍କୁ ପ୍ରଧାନମନ୍ତ୍ରୀଙ୍କ ସମେତ କ୍ରିକେଟର ସଚିନ ତେନ୍ଦୁଲକର ଓ ଭାରତୀୟ କ୍ରିକେଟ୍ ଦଳର ଶୁଭେଚ୍ଛା ।

- ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ ।

ଏବଂ

- ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଆଜି ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ।

# ନୀତିଆୟୋଗ ବୈଠକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରପତି ଭବନର ସାଂସ୍କୃତିକ କେନ୍ଦ୍ରରେ ନବମ ନୀତିଆୟୋଗ ବୈଠକ ଜାରି ରହିଛି । ବୈଠକରେ ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ସମସ୍ତ ବିଷୟ ଉପରେ ଆଲୋଚନା ପର୍ଯ୍ୟାଲୋଚନା ହେଉଛି । ସୂଚନା ଅନୁଯାୟୀ ଆଜିର ଏହି ବୈଠକରେ ବିକଶିତ ଭାରତ ସହ ସମ୍ପର୍କିତ ଦୂରଦୃଷ୍ଟିସମ୍ପନ୍ନ କାର୍ଯ୍ୟାନ୍ୱୟନ ବିଧି ଉପରେ ବିଚାରବିମର୍ଷ କରାଯିବ । ନୀତି ଆୟୋଗ କହିଛି କେନ୍ଦ୍ର ଏବଂ ରାଜ୍ୟ ସରକାରଗୁଡ଼ିକ ମଧ୍ୟରେ ସହଯୋଗପୂର୍ଣ୍ଣ ଶାସନ ଏବଂ ଗ୍ରାମୀଣ ତଥା ସହରାଞ୍ଚଳ ଜୀବନରେ ଅଧିକ ସୁ-ପରିବର୍ତ୍ତନ ଆଣିବା ଦିଗରେ ଏହି ବୈଠକ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ବୈଠକରେ ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ରାଜ୍ୟଗୁଡ଼ିକର ମହତ୍ୱପୂର୍ଣ୍ଣ ଭୂମିକା ଉପରେ ବିସ୍ତୃତଭଲବେ ଆଲୋଚନା କରାଯିବ । ନିତିଆୟୋଗ କହିଛନ୍ତି, ଘରୋଇ ଉତ୍ପାଦ ସହିତ ଭାରତ ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥବ୍ୟବସ୍ଥା ହେବାର ପଥରେ ରହିଛି । ଏହାର ଜି.ଡି.ପି. ୫ ଟ୍ରିଲିୟନ୍ ଆମେରିକୀୟ ଡଲାର ଅତିକ୍ରମ କରିଛି ଏବଂ ୨୦୪୭ ସୁଦ୍ଧା ୩୦ ଟ୍ରିଲିୟନ୍ ଆମେରିକୀୟ ଡଲାର୍ ଅର୍ଥ ବ୍ୟବସ୍ଥାରେ ପହଞ୍ଚିବାର ଆକାଂକ୍ଷା ରଖିଛି । ଅନ୍ୟମାନଙ୍କ ମଧ୍ୟରେ  ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ, ଉପରାଜ୍ୟପାଳ, କେନ୍ଦ୍ର ମନ୍ତ୍ରୀଙ୍କ ସହ ଏକ୍ସ-ଅଫିସିଓ ସଦସ୍ୟ ଏବଂ ସ୍ୱତନ୍ତ୍ର ଆମନ୍ତ୍ରିତ  ଅତିଥିଙ୍କ ସହିତ ନିତିଆୟୋଗର ଉପାଧ୍ୟକ୍ଷ ଏବଂ ସଦସ୍ୟମାନେ ଏଥିରେ ସାମିଲ ହୋଇଛନ୍ତି ।

# କାଲାମ ଶ୍ରାଦ୍ଧବାର୍ଷିକୀ

ଦେଶର ପୂର୍ବତନ ରାଷ୍ଟ୍ରପତି ପ୍ରଖ୍ୟାତ ବୈଜ୍ଞାନିକ ଡକ୍ଟର ଏପିଜେ ଅବଦୁଲ କଲାମଙ୍କୁ ଆଜି ତାଙ୍କର ନବମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ କୃତଜ୍ଞ ଦେଶ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଡକ୍ଟର କଲାମ ଭାରତର ଏକାଦଶତମ ରାଷ୍ଟ୍ରପତି ଏବଂ ସବୁଠାରୁ ପ୍ରସିଦ୍ଧ ଏରୋସ୍ପେସ୍ ବୈଜ୍ଞାନିକମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ଭାରତର ମହାକାଶ ଏବଂ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ନିଜ ଜୀବନକୁ ସେ ରାଷ୍ଟ୍ରର ସେବା ପାଇଁ ଉତ୍ସର୍ଗ କରିଥିଲେ । ଡକ୍ଟର କଲାମଙ୍କୁ ମଧ୍ୟ ଭାରତର ମିଜାଇଲ ମ୍ୟାନ୍ ବା କ୍ଷେପଣାସ୍ତ୍ର ମାନବ କୁହାଯାଏ । ୨୦୧୫ ଆଜିର ଦିନରେ ତାଙ୍କର ଦେହାନ୍ତ ହୋଇଥିଲା ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପୂର୍ବତନ ରାଷ୍ଟ୍ରପତି ତଥା ଲୋକପ୍ରିୟ ବୈଜ୍ଞାନିକ ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି ଜୀବନରେ କଠିନ ପରିଶ୍ରମ ଏବଂ ସମ୍ବେଦନଶୀଳତା ଶ୍ରୀ କଲାମଙ୍କୁ ଭାରତୀୟ ଯୁବପୀଢ଼ିଙ୍କ ଆଦର୍ଶ କରିପାରିଛି । ସେ କହିଛନ୍ତି ଡକ୍ଟର କଲାମଙ୍କ କାର୍ଯ୍ୟାବଳୀ ସମସ୍ତଙ୍କୁ ପ୍ରେରଣା ଦେଇଛି ।

ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଏସ୍. ଅବଦୁଲ ନଜୀର ଆଜି ଦେଶର ପୂର୍ବତନ ରାଷ୍ଟ୍ରପତି ତଥା ଭାରତରତ୍ନ ଅବଦୁଲ କଲାମଙ୍କୁ ତାଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଲୋକଙ୍କ ରାଷ୍ଟ୍ରପତି ଭାବରେ ଶ୍ରୀ କଲାମ ଜଣାଶୁଣା ଥିଲେ ଏବଂ ଉଭୟ ବିଜ୍ଞାନ ଓ

ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ତଥା ସାର୍ବଜନୀନ ଜୀବନରେ ଏକ ଅବିସ୍ମରଣୀୟ ପରିଚୟ ସୃଷ୍ଟି କରିଥିଲେ ବୋଲି ସେ କହିଛନ୍ତି । ତାଙ୍କର ଆଦର୍ଶ ଏବଂ ମୂଲ୍ୟବୋଧ ଆଗାମୀ ପୀଢ଼ିକୁ ପ୍ରେରଣା ଯୋଗାଇବ ।

ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ମଧ୍ୟ ଶ୍ରୀ କଲାମଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ କହିଛନ୍ତି ଶ୍ରୀ କଲାମଙ୍କ କାର୍ଯ୍ୟ ଯୁବ ପୀଢ଼ିଙ୍କ ପାଇଁ ଆଦର୍ଶ ହୋଇ ରହିବ ।

# ପ୍ୟାରିସ ଅଲମ୍ପିକ୍ସ ଅଲ୍

ପ୍ୟାରିସ୍ ଅଲମ୍ପିକ୍ସ ୨୦୨୪ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଗତ ରାତିରେ ଅନୁଷ୍ଠିତ ହୋଇଯାଇଛି । ପ୍ରବଳ ବର୍ଷା ସତ୍ତ୍ୱେ ବହୁସଂଖ୍ୟାରେ ଦର୍ଶକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଅଲମ୍ପିକ୍ସ ଖେଳର ଶୁଭାରମ୍ଭ ଘୋଷଣା କରିଥିଲେ । ତିନିଥରର ଜୁଡୋ ଚାମ୍ପିୟନ ଟେଡି ରିନର ଅଲମ୍ପିକ ମଶାଲ ପ୍ରଜ୍ୱଳିତ କରିଥିଲେ । ଉଦ୍‌ଘାଟନୀ ସମାରୋହ ଏବଂ ପରେଡ୍‌ରେ ଭାରତ ପକ୍ଷରୁ ପି.ଭି.ସିନ୍ଧୁ ଏବଂ ଶରତ କମଲ ନେତୃତ୍ୱ ନେଇଥିଲେ । ଆୟୋଜିତ ପରେଡ୍‌ରେ ବିଶ୍ୱର ୭ହଜାର ଖେଳାଳି ଭାଗ ନେଇଥିବା ଜଣାପଡିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ୟାରିସ୍ ଅଲମ୍ପିକ୍ସ ଅବସରରେ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ପ୍ରତ୍ୟେକ ଖେଳାଳି ଦେଶ ପାଇଁ ଗୌରବ ଅଟନ୍ତି । ସେ କହିଛନ୍ତି ଆମ ଦେଶର ଖେଳାଳିମାନେ ପ୍ୟାରିସ୍ ଅଲମ୍ପିକ୍ସରେ ଉତ୍ତମ ପ୍ରଦର୍ଶନ କରିବେ ।

କିମ୍ବଦନ୍ତୀ କ୍ରିକେଟ୍ ଖେଳାଳି ସଚିନ ତେନ୍ଦୁଲକର ଭାରତୀୟ କ୍ରୀଡ଼ାବିତ୍‌ମାନଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ୧୧୭ଜଣ ଭାରତୀୟ କ୍ରୀଡ଼ାବିତ୍ ଦେଶର ଆଶା ଓ ଭରସାକୁ ନିଶ୍ଚୟ ସଫଳ କରିବେ । ସେହିପରି ଭାରତୀୟ ଟି-୨୦ ବିଶ୍ୱ ଚମ୍ପିଆନ କ୍ରିକେଟ୍ ଦଳ ପ୍ୟାରିସ୍ ଅଲମ୍ପିକ୍ସ ପାଇଁ ଭାରତୀୟ କ୍ରୀଡ଼ାବିତ୍‌ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ପ୍ୟାରିସ୍ ଅଲମ୍ପିକ୍ସର ଆଜି ପ୍ରଥମ ଦିନରେ ବନ୍ଧୁକ ଚାଳନା ପ୍ରତିଯୋଗିତା ୧୦ମିଟର ଏୟାର ରାଇଫଲ ଦଳଗତ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟରେ ରମିତା ଜିନ୍ଦଲ ଏବଂ ଅର୍ଜୁନ ବାବୁତା ଯୋଡ଼ି ଷଷ୍ଠ ସ୍ଥାନରେ ରହିଛନ୍ତି । ଉଭୟ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇନଥିବା ଜଣାପଡିଛି । ଆଉ କିଛି ସମୟ ପରେ ୧୦ମିଟର ଏୟାର ପିସ୍ତଲ ଯୋଗ୍ୟତା ପର୍ଯ୍ୟାୟରେ ଅର୍ଜୁନ ସିଂହ ଚିନ୍ନା ଏବଂ ସରବଜିତ୍ ସିଂହଙ୍କ ପ୍ରଦର୍ଶନ ଦେଖିବାକୁ ମିଳିବ । ସେହିପରି ଅପରାହ୍ଣ ୪ଟାରେ ୧୦ମିଟର ଏୟାର ପିସ୍ତଲ ମହିଳା ଯୋଗ୍ୟତା ପର୍ଯ୍ୟାୟରେ ମନୁ ଭାକର ଏବଂ ରିଦିମ ସାଙ୍ଗୱାଲ ଅଭିଯାନ ଆରମ୍ଭ କରିବେ ।

ଟେନିସ୍‌ରେ ରୋହନ୍ନ ବୋପାନ୍ନା ଏବଂ ଶ୍ରୀରାମ ବାଲାଜୀ ପୁରୁଷ ଡବଲ୍ସର ପ୍ରଥମ ପର୍ଯ୍ୟାୟରେ ଫ୍ରାନ୍ସର ଫେବିଆନ୍ ରେବୋଲ ଏବଂ ଏଡୱାର୍ଡ ରୋଜର ବାସେଲିନ୍‌ଙ୍କ ସହ ଅପରାହ୍ଣ ସାଢ଼େ ୩ଟାରେ ମ୍ୟାଚ୍ ଖେଳିବେ । ବ୍ୟାଡମିଣ୍ଟନରେ ଭାରତର ଲକ୍ଷ୍ୟ ସେନ୍ ଏକକ ପ୍ରଥମ ପର୍ଯ୍ୟାୟରେ ସଂଧ୍ୟା ୭ଟାରେ କେବିନ ଫର୍ଡନଙ୍କ ସହ ପଡ଼ିଆକୁ ଓହ୍ଲାଇବେ । ସେହିପରି ପୁରୁଷ ଡବଲ୍ସରେ ସାତ୍ୱିକ ସାଇରାଜ ରାଙ୍କିରେଡି

ଏବଂ ଚିରାଗ ସେଠୀ ରାତି ୮ଟାରେ ମ୍ୟାଚ୍ ଖେଳିବେ । ମହିଳା ଡବଲ୍ସରେ ଅଶ୍ୱିନୀ ପୋନ୍ନାପା ଏବଂ ତନିଶା କ୍ରେଷ୍ଟୋ ରାତି ୧୨ଟାରେ ପ୍ରଥମ ମ୍ୟାଚ୍ ଖେଳିବେ ।

ଟେବୁଲ ଟେନିସ୍‌ରେ ହରମିତ୍ ଦେଶାଇ ସଂଧ୍ୟାରେ ୭ଟାରେ ମ୍ୟାଚ୍ ଖେଳିବାକୁ ଥିବାବେଳେ ହକିରେ ଟୋକିଓ ଅଲମ୍ପିକ୍ସର ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ପୁରୁଷ ଦଳ ରାତି ୯ଟାରେ ନ୍ୟୁଜିଲାଣ୍ଡ ସହ ମୁକାବିଲା କରିବ । ବକ୍ସିଂରେ ପ୍ରୀତି ପାୱାର ୫୪କିଲୋଗ୍ରାମ ବର୍ଗରେ ଭିଏତ୍‌ନାମର କି ଓ୍ୱ ଥି କିମ୍ ଙ୍କ ସହ ରାତି ସାଢ଼େ ୧୧ଟାରେ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି ।

## ଆମେରିକା ପ୍ରେସିଡେଣ୍ଟ

ଆମେରିକାର ଉପରାଷ୍ଟ୍ରପତି କମଳା ହାରିସ୍ ଆଜି ଆମେରିକାର ରାଷ୍ଟ୍ରପତି ନିର୍ବାଚନ ପାଇଁ ଆନୁଷ୍ଠାନିକ ଭାବେ ତାଙ୍କର ପ୍ରାର୍ଥୀତ୍ୱ ଘୋଷଣା କରିଛନ୍ତି । ଏକ ଗଣମାଧ୍ୟମ ପୋଷ୍ଟରେ ସୁଶ୍ରୀ ହାରିସ୍ କହିଛନ୍ତି ଯେ ନଭେମ୍ବର ମାସରେ ତାଙ୍କ ଜନକେନ୍ଦ୍ରିତ ଅଭିଯାନକୁ ସମର୍ଥନ ମିଳିବ । ସେ କହିଛନ୍ତି ଯେ ପ୍ରତ୍ୟେକ ଭୋଟ୍ ପାଇଁ ସେ କଠିନ ପରିଶ୍ରମ କରିବେ । ଏବେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ ରାଷ୍ଟ୍ରପତି ନିର୍ବାଚନରୁ ଓହରିଯିବା ପରେ କମଳା ହାରିସ୍ ଡେମୋକ୍ରାଟିକ ପାର୍ଟିର ପ୍ରାର୍ଥୀ ଭାବେ ଉଭା ହୋଇଛନ୍ତି । ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ମଧ୍ୟ ରାଷ୍ଟ୍ରପତି ପଦବୀ ପାଇଁ ସୁଶ୍ରୀ ହାରିସ୍‌ଙ୍କୁ ସର୍ବସାଧାରଣରେ ସମର୍ଥନ ଜଣାଇଥିଲେ । ଶ୍ରୀ ଓବାମା ଦମ୍ପତ୍ତି ସୁଶ୍ରୀ ହାରିସ୍‌ଙ୍କ ରାଷ୍ଟ୍ରପତି ନିର୍ବାଚନରେ ଜିତିବା ସୁନିଶ୍ଚିତ କରିବାକୁ ଯଥାସମ୍ଭବ ଚେଷ୍ଟା କରିବେ ବୋଲି କହିଛନ୍ତି ।

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀ ଓ ବିଦେଶରେ ବସବାସ କରୁଥିବା ଲୋକମାନଙ୍କ ସହ ଭାବ ବିନିମୟ କରିବେ । ଏହା ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ର ୧୧୨ତମ ସଂସ୍କରଣ ହେବ । ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏୟାର୍ ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଏହାର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ ।

# ପ୍ରେସିଡେଣ୍ଟ-ଇ ଅକ୍ସନ

ରାଷ୍ଟ୍ରପତି ଭବନ ଆସନ୍ତା ମାସରେ ଇ-ଉପହାର ନାମକ ଅନ୍‌ଲାଇନ୍ ପୋର୍ଟାଲ ମାଧ୍ୟମରେ ବିଭିନ୍ନ ସମୟରେ ରାଷ୍ଟ୍ରପତି ଏବଂ ପୂର୍ବତନ ରାଷ୍ଟ୍ରପତି ମାନଙ୍କୁ ମିଳିଥିବା ବଛା ବଛା ଉପହାର ସାମଗ୍ରୀର ନିଲାମ କରିବ । ତେବେ ପ୍ରଥମ ପର୍ଯ୍ୟାୟରେ ପାଖାପାଖି ୨୫୦ଟି ଅନନ୍ୟ ଉପହାରର ନିଲାମ କରାଯିବ। ଏହି ନିଲାମ ଆସନ୍ତାମାସ ୫ ତାରିଖଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଖୋଲାଯହିବ । ଆଗ୍ରହୀ ବ୍ୟକ୍ତିମାନେ uphar.rastrapatibhawan.gov.in ପୋର୍ଟାଲରେ ସେମାନଙ୍କ ନିଲାମ ଡାକିପାରିବେ । ନିଲାମରୁ ଉପଲବ୍ଧ ସମସ୍ତ ଅର୍ଥ ଗରିବ ଓ ଅଭାବୀ ପିଲାମାନଙ୍କୁ ସହାୟତା କରିବା ପାଇଁ ପ୍ରଦାନ କରାଯିବ । ନିଲାମ ପାଇଁ

ଥିବା ଉପହାର ସାମଗ୍ରୀ ସବୁ ରାଷ୍ଟ୍ରପତି ଭବନ ସଂଗ୍ରହାଳୟରେ ଜନସାଧାରଣଙ୍କ ନିମନ୍ତେ ଉପଲବ୍ଧ ହେବ ବୋଲି ଜଣାପଡିଛି ।

## ଭିପି-ଏକ୍ ପେଡ୍ ମା' କେ ନାମ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଆଜି ଦିଲ୍ଲୀର ଯମୁନା ନଦୀକୂଳରେ ଏ.ଏସ୍.ଆଇ.ଟି.ଏ ପାର୍କରେ ଗୋଟିଏ ଗଛ ମା'ଙ୍କ ନାମରେ ଅଭିଯାନ ଆରମ୍ଭ କରିଛନ୍ତି । ଶ୍ରୀ ଧନଖଡ ନିଜ ମାତା କେଶରୀଦେବୀଙ୍କ ସମ୍ମାନାର୍ଥେ ଗଛ ଲଗାଇଛନ୍ତି । ଗତମାସରେ ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ । ଏହାର ଉଦ୍ଦେଶ୍ୟ ହେଉଛି ନିଜ ମା'ଙ୍କ ନାମରେ ଗଛଟିଏ ଲଗାଇ ତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଯାହା ପରିବେଶ ରକ୍ଷା ଏବଂ ସ୍ଥାନୀୟ ଜୀବନଶୈଳୀ ପ୍ରତି ସମର୍ପିତ ହେବ ।

## ୟମେନ୍-ଏୟାର ଷ୍ଟ୍ରାଇକ୍

ଆମେରିକା-ବ୍ରିଟେନ୍ ମେଣ୍ଟ ଗତକାଲି ୟମେନ୍‌ର ହୋଦେଇଦାହ ଅଞ୍ଚଳରେ ୪ଥର ଆକାଶମାର୍ଗରୁ ଆକ୍ରମଣ କରିଥିଲେ । ହାଉଥୀଙ୍କ ଦ୍ୱାରା ପରିଚାଳିତ ଅଲ୍-ମଶିରା ଟିଭି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୟମେନ୍‌ର ଉତ୍ତର-ପଶ୍ଚିମ ନିକଟସ୍ଥ ଲାଲସାଗର ତଟବର୍ତ୍ତୀ ଜିଲ୍ଲା ଅଲୁହୟା ଉପରେ ଏହି ଆକ୍ରମଣ ହୋଇଥିଲା । ତେବେ ଏପର୍ଯ୍ୟନ୍ତ ଆମେରିକା-ବ୍ରିଟେନ୍ ମେଣ୍ଟ ପକ୍ଷରୁ ଏହି ଆକ୍ରମଣ ନେଇ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ । ଇତିମଧ୍ୟରେ ହାଉଥୀ ସମୁଦାୟୀ ୟମେନ୍‌ର ଉତ୍ତରାଞ୍ଚଳରେ ଅଧିକାଂଶ ଅଞ୍ଚଳକୁ ନିଜ କବ୍‌ଜାକୁ ନେଇଛି । ୟମେନ୍ ସରକାରଙ୍କୁ ମଧ୍ୟ ସଶସ୍ତ୍ର ହାଉଥୀ ସମୁଦାୟୀ ରାଜଧାନୀରୁ ବାହାର କରିଦେଇଥିବା

ଜଣାପଡିଛି । ଗତବର୍ଷ ନଭେମ୍ବରରେ ହାଉଥୀ ଗାଜା ଅଞ୍ଚଳରେ ପାଲେଷ୍ଟାଇନ୍ ମାନଙ୍କ ସହ ମିଶି ଇସ୍ରାଏଲର ଜାହାଜ ଉପରକୁ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ସହାୟତାରେ ଆକ୍ରମଣ କରିଥିଲେ ।

## ବିଜେପି-ମିଟିଂ

ବିଜେପି ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ବୈଠକ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ବିଜେପି ମୁଖ୍ୟାଳୟରେ ହେବାକୁଥିବା ଏହି ବୈଠକରେ ଦଳର ବରିଷ୍ଠ ନେତାମାନେ ସାମିଲ ହେବେ । ସଦ୍ୟସମାପ୍ତ ଲୋକସଭାନିର୍ବାଚନ ଏବଂ ସାଧାରଣ ବଜେଟ୍ ଉପରେ ଏହି ବୈଠକରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଏହାଛଡା ବୈଠକରେ ବିଭିନ୍ନ ସରକାରୀ ଯୋଜନାର ସକ୍ରିୟ କାର୍ଯ୍ୟାନ୍ୱୟନ ସମ୍ପର୍କରେ ମଧ୍ୟ ଆଲୋଚନା ହେବ ।

## କ୍ରିକେଟ୍ : ଇଣ୍ଡିଆ-ଶ୍ରୀଲଙ୍କା

ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଆଜି ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ସଂଧ୍ୟା ୭ଟାରେ ଶ୍ରୀଲଙ୍କାର ପାଲକେଲ ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ । ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଏବଂ ମୁଖ୍ୟ ପ୍ରଶିକ୍ଷକ ଭାବେ ଗୌତମ ଗମ୍ଭୀରଙ୍କୁ ନେଇ ଭାରତ ଔପଚାରିକ ଭାବେ ମ୍ୟାଚ୍ ଖେଳିବ ।

ଅନ୍ୟପକ୍ଷରେ ମହିଳା ଟି-୨୦ ଏସୀଆ କପ୍ କ୍ରିକେଟ୍‌ର ଫାଇନାଲରେ ଆସନ୍ତାକାଲି ଶ୍ରୀଲଙ୍କାର ଦାମ୍ବୁଲାଠାରେ ଭାରତ ଓ ଶ୍ରୀଲଙ୍କା ମୁହାଁମୁହିଁ ହେବେ ।